**ପୋଖରୀ ସଫେଇ ପରେ ପକ୍ଷୀଙ୍କ ଆଗମନ**

ବିରିଡି,(ଡି.ଏନ୍.ଏ): ବିରିଡି ବ୍ଲକ ଉକୁନ୍ଦରା ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ମହାଭୋଇ ପୋଖରୀକୁ ଏସ୍ ଏଚଜି ମହିଳାମାନେ ସଫା କରିବାପରେ ଏବେ ସେଠାକୁ ଦେଶୀ ଓ ବିଦେଶୀ ପକ୍ଷୀମାନଙ୍କ ଆଗମନ ହୋଇଛି। ଏହା ବ୍ଲକର ସବୁଠାରୁ ବଡ଼ ପୋଖରୀ ବୋଲି ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ଏବଂ ବାଙ୍କନିଧି ରାଉତରାୟ କହିଛନ୍ତି। ୨୩୦ ଜଣ ମହିଳା ଏହି ପୋଖରୀରେ ଶ୍ରମଦାନ କରିଛନ୍ତି ବୋଲି ସମ୍ପାଦକ ଗୟାଧର ମହାନ୍ତି କହିଛନ୍ତି।



## ଆଜି କ'ଣ କେଉଁଠି

**କେନ୍ଦ୍ରାପଡ଼ା**
- -ଚଞ୍ଚଳା କ୍ରିକେଟ ଟ୍ରଫିର ଫାଇନାଲ ମ୍ୟାଚ, ସ୍ଥାନ- ବଡପଲ୍ଲୀ, ରାଜନଗର। ସମୟ- ପୂର୍ବାହ୍ନ ୧୦ଟା

**ଖଣ୍ଡପଡ଼ା**
- ୨ୟ ସାଲବେଗ ସ୍ମୃତି ସମାରୋହ । ସ୍ଥାନ-ଖଣ୍ଡପଡା, ସମୟ-ପୂର୍ବାହ୍ନ- ୯ଟା ।
- ବରିଷ୍ଠ ନାଗରିକ ମଞ୍ଚର ବ୍ଲକ୍,ଏନଏସିସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ-ଖଣ୍ଡପଡା ଶୁଭମ ମଣ୍ଡପ । ସମୟ-ପୂର୍ବାହ୍ନ ୧୦.୩୦ ।

**କଣ୍ଟିଲୋ**
- ଶନିଶ୍ଚର ଦେବଙ୍କ ୪ର୍ଥ ବାର୍ଷିକ ଉତ୍ସବ। ସ୍ଥାନ-ଯାତ୍ରାପଦା ବଜାର ଚନ୍ଦନ ମଣ୍ଡପ । ସମୟ-ସକାଳ ୮ଟା ।

**ଧର୍ମଶାଳା**
- କଳ୍ପତରୁ ଦାସ ମେମୋରିଆଲ ପକ୍ଷରୁ ବିଜୁ ପ୍ରିମିୟର ଲିଗ୍, କଳ୍ପତରୁ ଦାସ ଷ୍ଟାଡିୟମ, ଅପରାହ୍ନ ୧ଟାରୁ।

## ସଂକ୍ଷେପରେ

### ଧାନଗଦା ଜଳିଗଲା

**ନାଉଗାଁ,୧୩।୨(ସ୍ୱ.ପ୍ର):** ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ଅଲଣା ଗ୍ରାମରେ ଶନିବାର ଏକ ଧାନଗଦାରେ ନିଆଁ ଲାଗିଯାଇଛି। ଏଥିରେ କୈଳାସ ଭୋଇଙ୍କ ଲକ୍ଷାଧିକ ଟଙ୍କାର ଧାନ ପୋଡି ପାଉଁଶ ହୋଇଯାଇଛି। ସେ ୫ ଏକର ବିଲ ଭାଗ ଚାଷ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ନାଉଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳିପୋଡି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତହସିଲଦାର ଜେ.କଲ୍ୟାନ କହିଛନ୍ତି, ରାଜସ୍ୱ ନିରୀକ୍ଷକ ତଦନ୍ତ କଲା ପରେ ସରକାରୀ ସାହାଯ୍ୟ ଦିଆଯିବ।

### ବ୍ୟାଟେରି ବୋଝେଇ ଗାଡ଼ି ଜବତ: ୩ ଗିରଫ

**କଳିଙ୍ଗନଗର,୧୩।୨(ଡି.ଏନ.ଏ.):** ଦାନଗଦୀ ପୋଲିସ ଚୋରଦା-ଡୁବୁରୀ ରାସ୍ତାର ମିଲଟାରୀ ଛକ ନିକଟରେ ପାଟ୍ରୋଲିଂ କରୁଥିବାବେଳେ ଚୋରା ଚାଲାଣ ହେଉଥିବା ଏକ ବ୍ୟାଟେରି ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରିଛି। ଏଥିରେ ୧୬୦ଟି ବିଭିନ୍ନ କମ୍ପାନୀର ବ୍ୟାଟେରି ରହିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ପେଘରି ଗାଁର ସେକ୍ ସାବିରୁଦ୍ଦିନ୍(୨୬), ୱାଜିଉଦ୍ଦିନ୍ (୨୨) ଓ ରବୀନ୍ଦ୍ର ଦାସ (୫୪)। ଏନେଇ ମାମଲା (ନଂ.୫୨।୨୧) ରୁଜୁ ହୋଇଛି। ବ୍ୟାଟେରିଗୁଡିକୁ ଢେଙ୍କାନାଳ ଓ ଅନୁଗୋଳର ବିଭିନ୍ନ ସ୍ଥାନରୁ ଆଣି ବାଲେଶ୍ୱର ସହରକୁ ଚାଲାଣ କରାଯାଉଥିବା ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛନ୍ତି। ଜବତ ବ୍ୟାଟେରିଗୁଡିକର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

### ୫ଲକ୍ଷ ଟଙ୍କାର କାଠପଟା ଜବତ

**ଖଣ୍ଡପଡା,୧୩।୨(ସ୍ୱ.ପ୍ର.):** ନୟାଗଡ ବନଖଣ୍ଡର ସ୍ୱତନ୍ତ୍ର ସ୍କ୍ୱାଡ୍ ଖଣ୍ଡପଡା ବ୍ଲକ୍ ଅଧୀନ କୁମ୍ଭାରପଡା ପଞ୍ଚାୟତର ନୂଆସାହି ଗ୍ରାମରେ ଚଢାଉ କରି ୨ଶହ ସିଫ୍ଟ ଶାଳ ଓ ଶାଗୁଆନ ପଟା ଜବତ କରିଛି , ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।

### କ୍ରିକେଟ୍: ସେମିରେ ସାଇ ଇଲେଭେନ

**ତିର୍ତ୍ତୋଲ,୧୩।୨ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଖେଳ ପଡ଼ିଆରେ ମା'କନକ ସୁନ୍ଦରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶନିବାର ୧୪ ତମ ବାବୁଲା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ସାଇ ଇଲେଭେନ ୪ ଉଇକେଟରେ ପାରାଦୀପର ବ୍ଲୁ ଷ୍ଟାର କ୍ରିକେଟ କ୍ଲବକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପାରାଦୀପର ବ୍ଲୁ ଷ୍ଟାର ପଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୧୨୫ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱରର ସାଇ ଇଲେଭେନ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅରବିନ୍ଦ କୁମାର ୪୪ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଅମ୍ପାୟାର ହାଡିବନ୍ଧୁ ମଲ୍ଲିକ ଓ ଚନ୍ଦ୍ରଜିତ୍ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ।

# ଯୋଗାଣ ବିଭାଗକୁ ହିସାବ ଅଡୁଆ

**ଯାଜପୁର ଅଫିସ,୧୩।୨**

- ରାଶନକାର୍ଡଧାରୀଙ୍କୁ ୧୦୦୦ ଟଙ୍କା ସହାୟତା
- ସିଏସ୍‌ଓଙ୍କୁ ୪ଥର ନିର୍ଦ୍ଦେଶ ହେଲାଣି

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ର ପ୍ରାୟୋରିଟି ହାଉସହୋଲ୍ଡ, ଅନ୍ତ୍ୟୋଦୟ ଅନ୍ନ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏ)ର ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏ ଦିଆଯାଇଥିବାବେଳେ ତାହାର ହିସାବ ଦେଇପାରୁନି ଜିଲା ଯୋଗାଣ ବିଭାଗ। କରୋନା ସମୟରେ ଉପରୋକ୍ତ ରାଶନକାର୍ଡଧାରୀଙ୍କୁ ଆର୍ଥିକ ସହାୟତା ପାଇଁ ଯାଜପୁର ଜିଲାକୁ ୪୦ କୋଟି ୫୮ ଲକ୍ଷ ୧୨ ହଜାର ୨୯୦ ଟଙ୍କା ପାଣ୍ଠି ଦିଆଯାଇଥିଲା। ସେଥିରୁ ୮।୨।୨୦୨୧ ପର୍ଯ୍ୟନ୍ତ ୩୯ କୋଟି ୬୩ ଲକ୍ଷ ୧୦ ହଜାର ଟଙ୍କାର ବିନିଯୋଗ ପତ୍ର ଦାଖଲ କରାଯାଇଛି। ବାକି ୯୫ ଲକ୍ଷ ୨ ହଜାର ୨୯୦ ଟଙ୍କା ଫେରାଇ ଦିଆଯାଇଛି। ଯୋଜନା ଅନୁସାରେ ହିତାଧିକାରୀ ସଂଖ୍ୟା ଦାଖଲ କରିବାକୁ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କୁ ୪ ଥର ପତ୍ର ଦିଆଯାଇଛି। କିନ୍ତୁ ଯାଜପୁର ଜିଲା ଯୋଗାଣ ଅଧିକାରୀ ମଧ୍ୟ ଏହି ହିତାଧିକାରୀ ସଂଖ୍ୟା ଦାଖଲ କରିବାରେ ବିଫଳ ହୋଇଛନ୍ତି। ଏଥିରୁ ଜିଲାରେ ଜାଲ୍‌କାର୍ଡ ବୁଲୁଥିବା ସନ୍ଦେହ କରାଯାଉଛି। ଏଥିଯୋଗୁ ରାଜ୍ୟ ସରକାରଙ୍କ ନିକଟରେ ଯୋଗାଣ ନିଗମ ଲିଃ ଅଡୁଆରେ ପଡିଛି। ତେଣୁ ଆସନ୍ତା ୧୫ ତାରିଖ ସୁଦ୍ଧା ନିଶ୍ଚିତ ଭାବରେ ହିତାଧିକାରୀ ସଂଖ୍ୟା ଦାଖଲ କରିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ବିଭାଗର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ୍‌କେଶରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲାରେ ଜାଲ୍ ରାଶନକାର୍ଡ ବାହାରିବା ପୂର୍ବରୁ ନଜିର ରହିଛି। ଧର୍ମଶାଳା ବ୍ଲକର ଆରୁହା ପଞ୍ଚାୟତର କୋହ୍ଲା, ମହିଶରା ଆଦି ଗ୍ରାମରେ ମୃତ ବ୍ୟକ୍ତିଙ୍କ ନାମରେ ରାଶନକାର୍ଡ ବାହାରିଥିଲା। ଗତ ଜୁଲାଇ ୯ ସୁଦ୍ଧା ୩,୯୦,୯୭୦ ରାଶନକାର୍ଡଧାରୀଙ୍କ ପାଇଁ ୧୦୦୦ ଟଙ୍କା ଲେଖାଏ ୩୯ କୋଟି ୯ ଲକ୍ଷ ୭୦ ହଜାର ଟଙ୍କା ବଣ୍ଟନ କରାଯାଇ ୟୁସି ଦାଖଲ ହୋଇଥିଲା। ପରବର୍ତ୍ତୀ ସମୟରେ ଗତ ୮ ତାରିଖ ସୁଦ୍ଧା ବିନିଯୋଗ ପତ୍ର ଦାଖଲ ରିପୋର୍ଟ ଅନୁସାରେ ୩,୯୬,୩୧୦ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏ ବଣ୍ଟନ କରାଯାଇଛି। ଅର୍ଥାତ୍ ଏହି ୭ ମାସ ମଧ୍ୟରେ ପୁଣି ୫,୩୪୦ ହିତାଧିକାରୀଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଆଜି ପର୍ଯ୍ୟନ୍ତ କରୋନା ସହାୟତା ରାଶି ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଉଛି। ତେବେ ଫେରସ୍ତ ହୋଇଥିବା ୯୫,୦୨,୨୯୦ ଟଙ୍କା କେଉଁ ଉଦ୍ଦେଶ୍ୟରେ ଆସିଥିଲା ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି। ଏହାକୁ ଯୋଗାଣ ନିଗମ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ସବିଶେଷ ହିତାଧିକାରୀ ତଥ୍ୟ ମାଗିଛନ୍ତି। ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏ ତାଲିକା ଅନୁସାରେ ବିଭାଗୀୟ ପତ୍ରସଂଖ୍ୟା ୧୦୪୦୨/୧୯।୮।୨୦୨୦, ୧୨୩୯୯/୮।୧୦।୨୦୨୦ ଏବଂ ୧୭୬୧/୧।୨।୨୦୨୧ରେ ଉପରୋକ୍ତ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ଜିଲା ଯୋଗାଣ ବିଭାଗ ଦେଇ ନ ପାରିବାରୁ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଦାସ ତାଙ୍କ ପତ୍ରସଂଖ୍ୟା ୨୨୯୪/୧୦।୨।୨୦୨୧ରେ ପୁଣି ମନେପକେଇ ଦେଇଛନ୍ତି। ହେଲେ ତଥ୍ୟ ଦାଖଲ କରି ନ ପାରିବା ଜିଲା ଯୋଗାଣ ବିଭାଗରେ ରାଶନକାର୍ଡକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବା ଜିଲାବାସୀ ସନ୍ଦେହ କରିଛନ୍ତି। ଏହି ମର୍ମରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଧର୍ମଶାଳା ବ୍ଲକର ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବା ୧୦୦୦ ଟଙ୍କା ଲେଖାଏର ସବିଶେଷ ତଥ୍ୟ ମାଗିଥିଲେ। ବର୍ତ୍ତମାନ ଧର୍ମଶାଳା ବ୍ଲକର ମୁଖ୍ୟ କିରାଣିଙ୍କ ଦ୍ୱାରା ୧୦୦୦ ଟଙ୍କା ବଣ୍ଟାଯାଇଥିବା ଖାତା ଯାଞ୍ଚ ଚାଲିଛି। ଏହା ସରିଲା ପରେ ବଣ୍ଟନ କରିଥିବା ଅଧିକାରୀ ଏବଂ କେଉଁ ପଞ୍ଚାୟତରେ କେତେ ଟଙ୍କା ବଳିଛି, ସମସ୍ତ ତଥ୍ୟ ଯୋଗାଇ ଦିଆଯିବ ବୋଲି ଯୋଗାଣ ନିରୀକ୍ଷକ ଜଗମୋହନ ଦାସ ଉତ୍ତର ରଖିଛନ୍ତି।

## ବିଦ୍ୟାଳୟ ମିଶ୍ରଣକୁ ବିରୋଧ



ରେଢୁଆ ମଜୁରାଇ ପ୍ରାଥମିକ ସ୍କୁଲ ଆଗରେ ଅଭିଭାବକ, ଛାତ୍ରୀଛାତ୍ରଙ୍କ ପ୍ରତିବାଦ

**ରଘୁନାଥପୁର,୧୩।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ରେଢୁଆ ମଜୁରାଇ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ବାରତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଶନିବାର ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିରୋଧ କରାଯାଇଛି। ଗ୍ରାମବାସୀ ସ୍କୁଲ ନିକଟରେ ଏକତ୍ର ହୋଇ ପ୍ରତିବାଦ କରିବା ସହ ଏ ସମ୍ପର୍କରେ ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର ଅଧିକାରୀମାନେ ଅଭିଯୋଗପତ୍ର ଗ୍ରହଣ କରୁନାହାନ୍ତି ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୫୦ ବର୍ଷ ତଳୁ ଗଢ଼ି ଉଠିଥିବା ଏହି ଶିକ୍ଷା ଅନୁଷ୍ଠାନରେ ଗ୍ରାମର ୯୦ ପ୍ରତିଶତ ଦଳିତ ବର୍ଗର ପିଲା ଅଧ୍ୟୟନ କରିଥାନ୍ତି। ଏହି ଗ୍ରାମଠାରୁ ୨ କିମି ଦୂରରେ ବାରତିରା ସ୍କୁଲ ପଡୁଥିବା ବେଳେ ରାସ୍ତା ପାର୍ଶ୍ୱରେ ବଡ଼ ବଡ଼ ପୁଷ୍କରୂଣୀ ରହିଛି। ଫଳରେ ପିଲାଙ୍କ ଜୀବନପ୍ରତି ବିପଦ ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ଦୃଷ୍ଟି ରଖି ବିଦ୍ୟାଳୟ ମିଶ୍ରଣ ନିଷ୍ପତ୍ତି ବାତିଲ କରିବାକୁ ପ୍ରଶାସନ ନିକଟରେ ଅଭିଭାବକ ଓ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ତନୁଜା ସେଠୀ, ଶୋଭାରଣୀ ସେଠି,ଶିବପ୍ରସାଦ ସେଠି, ଲାବଣ୍ୟମଇ ସେଠି, ପ୍ରଦୀପ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

# ବିଦ୍ୟାଳୟ ଉଚ୍ଛେଦ ପ୍ରତିବାଦରେ ଧାରଣା


ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ଧର୍ମଶାଳା,୧୩।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ନୂଆପାଟଣା ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ କରାଯିବା ନିଷ୍ପତ୍ତିକୁ ବିରୋଧ କରି ଗ୍ରାମବାସୀ ଓ ଅବିଭାବକ ସ୍କୁଲରେ ତାଲା ପକାଇ ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ୧୯୭୧ରୁ ନୂଆପାଟଣା ପ୍ରାଥମିକ ସ୍କୁଲ ପ୍ରତିଷ୍ଠା ହୋଇଛି। ମାତ୍ର ସରକାର ଏହାକୁ ବନ୍ଦ କରି ୨ କିଲୋମିଟର ଦୂରରେ ଥିବା ବଜ୍ରଗିରି ପ୍ରୋଜେକ୍ଟ ପ୍ରାଥମିକ ସ୍କୁଲ ସହିତ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ହେଲେ ଛୋଟ ପିଲାମାନେ ୨ କିଲୋମିଟର ରାସ୍ତା ଅତିକ୍ରମ କରି ସ୍କୁଲ ଯିବାରେ ଅସୁବିଧା ସୃଷ୍ଟି ହେବ। ଏପରି କି ନିଛାଟିଆ ଜଙ୍ଗଲି ରାସ୍ତାରେ ପିଲାମାନେ ଯିବା ସମୟରେ ହିଂସ୍ରଜନ୍ତୁଙ୍କ ହାବୁଡରେ ପଡିବା ସମ୍ଭାବନା ରହିଛି। ତେଣୁ ସରକାର ସ୍କୁଲକୁ ଏଠାରୁ ବନ୍ଦ କରିବା ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କାମ ପରେ ପାରିଶ୍ରମିକ ମିଳିନି ଥାନାରେ ଶ୍ରମିକଙ୍କ ଅଭିଯୋଗ

**ନାଉଗାଁ,୧୩।୨(ସ୍ୱ.ପ୍ର.)**

ନାଉଗାଁ ଥାନା ଅଞ୍ଚଳରେ ନବରଙ୍ଗପୁର ଜିଲାରୁ କେତେଜଣ ଶ୍ରମିକଙ୍କୁ ଅଣାଯାଇ କାର୍ଯ୍ୟରେ ଲଗାଯିବା ପରେ ସେମାନଙ୍କୁ ପାରିଶ୍ରମିକ ଦିଆଯାଇନାହିଁ। ଏନେଇ ସମ୍ପୃକ୍ତ ଶ୍ରମିକମାନେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଶ୍ରମିକ ରବି ସିଂଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଜଣେ ବ୍ୟକ୍ତି ୯ ଜଣ ଶ୍ରମିକଙ୍କୁ ନବରଙ୍ଗପୁର ଜିଲାରୁ ଆଣି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଥିଲେ। ମାତ୍ର କାମ ସରିବା ପରେ ସେମାନଙ୍କୁ ପ୍ରାପ୍ୟ ଦିଆଯାଇ ନ ଥିଲା। ଫଳରେ ଶ୍ରମିକମାନେ ଘରକୁ ଫେରିପାରୁନାହାନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ଭରତ କୁମାର ବେହେରା କହିଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମହିଳାଙ୍କୁ ନିର୍ଯାତନା: ଜଣେ ଗିରଫ

**କଳିଙ୍ଗନଗର,୧୩।୨(ଡି.ଏନ.ଏ.)**

**ଶାଶୁ ଓ ଦିଅର ଫେରାର**

ଯଖପୁରା ଥାନା ଅଧୀନ ମାନତୀରାର ସ୍ୱର୍ଗତ ସ୍ୱରାଜ ଘଡ଼ାଇଙ୍କ ସ୍ତ୍ରୀ ସସ୍ମିତାଙ୍କୁ ଶଶୁଘର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ତଥା ମହିଳାଙ୍କ ଶାଶୁ ମିନତି ଏବଂ ଦିଅର ଅନୁଜ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗିରଫ ଅଭିଯୁକ୍ତ ହେଲେ ଧ୍ରୁବ ପଣ୍ଡା (୩୫)। ଧ୍ରୁବଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସସ୍ମିତା ସ୍ୱାମୀଙ୍କ ମୃତ୍ୟୁ ପରେ ଶାଶୁ ଓ ଦିଅର ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଧ୍ରୁବ ଏଥିରେ ସହଯୋଗ କରୁଥିଲେ। ଧ୍ରୁବଙ୍କ ସହଯୋଗ ଯୋଗୁ ସସ୍ମିତାଙ୍କୁ ଅଧିକ ନିର୍ଯାତନା ଦିଆଯାଉଥିଲା। ତେଣୁ ସେ ନିର୍ଯାତନା ସହି ନ ପାରି ପୋଲିସର ଦ୍ୱାରସ୍ଥ ହୋଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଗ୍ରାମବାସୀଙ୍କ ସହ ଆଲୋଚନା ବିଫଳ

**ଖଣ୍ଡପଡ଼ା,୧୩।୨(ସ୍ୱ.ପ୍ର)**

**୨୨ଦିନ ହେଲା ସେବା ସମବାୟ ସମିତିରେ ତାଲା ଝୁଲୁଛି**

ଖଣ୍ଡପଡା ବ୍ଲକ୍ ଅଧୀନ ବେଣାଗାଡିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ସେବା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଗତ ମାସ ୨୨ ତାରିଖରେ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ । ଆଜକୁ ୨୩ ଦିନ ହେଲା ସେହି ତାଲା ଝୁଲୁଛି । ଉକ୍ତ ସେବା ସମବାୟ ସମିତି ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଚାଷୀଙ୍କ ବଦଳରେ ଅଣଚାଷୀଙ୍କ ନାମ ଅନ୍‌ଲାଇନରେ ପଞ୍ଜୀକରଣ କରିବା ସହ ଦଲାଲଙ୍କ କଥାରେ ପରିଚାଳିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ କରିଛନ୍ତି । ଏଥିପାଇଁ ଧାନ କିଣା ବନ୍ଦ ରହିଛି । ଟୋକନ ପାଇ ମଧ୍ୟ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି । ଏ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା ନିମନ୍ତେ ଜିଲା ଓ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ୨ଥର ଆଲୋଚନା କରିଛନ୍ତି । ଗ୍ରାମବାସୀଙ୍କ ଜିଦ୍ ଯୋଗୁ ପ୍ରଶାସନିକ ଅଧିକାରୀମାନେ ସମିତି କାର୍ଯ୍ୟାଳୟରୁ ତାଲା ଖୋଲି ନ ପାରି ଫେରିଛନ୍ତି। ସମ୍ପୃକ୍ତ କର୍ମଚାରୀ ଗାଁ ଛାଡି ଅନ୍ୟତ୍ର ପଳାଇ ଯାଇଛନ୍ତି। ଖଣ୍ଡପଡା ପୋଲିସ ସମବାୟ ସମିତି କାର୍ଯ୍ୟାଳୟରେ କାର୍ଯ୍ୟରତ କମ୍ପ୍ୟୁଟର ଡାଟା ଅପରେଟରଙ୍କୁ ଖଣ୍ଡପଡା ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ନୟାଗଡ ଅଫିସ,୧୩।୨**

ନୟାଗଡରେ ଓଡ଼ିଶା ମହିଳା ଆୟୋଗଙ୍କ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି, ରାଜ୍ୟ ମହିଳା ଆୟୋଗର ଅଧକ୍ଷା ମିନତୀ ବେହେରା,ମହିଳା ଆୟୋଗର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ଅତିରିକ୍ତ ଏସ୍‌ପି ବିଜୟା ବରୱା,ଗଣିଆ ଉନ୍ନୟନ କମିଟିର ସଭାପତି ଉଷା ପଟ୍ଟନାୟକ ଓ ଅଧାପିକା ମିନାକ୍ଷୀ ମିଶ୍ର ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ଆଇନ ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ୮ଜଣ କୋଭିଡ୍ ଯୋଦ୍ଧାଙ୍କୁ ପୁରସ୍କୃତ କରାଯାଇଥିଲା।

## ଯାଜପୁର ସହରରେ ଅପମିଶ୍ରିତ ଛେନା

**ଯାଜପୁର ଟାଉନ,୧୩।୨(ଡି.ଏନ.ଏ.)**

ସାଧାରଣତଃ ଛେନା ଓ ଛେନା ଜାତୀୟ ମିଷ୍ଟାନ ଖାଇବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଥାଏ। ମାତ୍ର ଏବେ ବଜାରରେ ମିଳୁଥିବା ମିଠା ଓ ଛେନା ଖାଇବା ଦ୍ୱାରା ଲୋକେ ବିଭିନ୍ନ ରୋଗରେ ସଂକ୍ରମିତ ହେଉଛନ୍ତି। କାରଣ ଏବେ ବଜାରରେ ବହୁ ଅପମିଶ୍ରିତ ଛେନା ବିକ୍ରି କରାଯାଉଛି। ଯାଜପୁର ସହରର ଅଧିକାଂଶ ଦୋକାନରେ ଅପମିଶ୍ରିତ ଛେନାରେ ମିଷ୍ଟାନ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଛେନା ନିର୍ଦ୍ଦିଷ୍ଟ ଏକ କମ୍ପାନୀ ପାଉଡର ଦ୍ୱାରା ତିଆରି ହେଉଛି। ବ୍ୟବସାୟୀ ଏହାକୁ ବିକ୍ରି କରି ବେଶ୍ ଲାଭବାନ ହେଉଥିବା ଜଣାପଡିଛି। ଗାଈ ଓ ମଇଁଷି କ୍ଷୀରରେ ଉତ୍ପନ୍ନ ଛେନାର ବଜାର ଦର କିଲୋପ୍ରତି ୨୦୦ ଟଙ୍କା ଥିବାବେଳେ ପାଉଡର ଦ୍ୱାରା ପ୍ରସ୍ତୁତ ଛେନାର ଦାମ ୧୨୦ ଟଙ୍କା ରହିଛି। ଅପରପକ୍ଷରେ ଏହି ଛେନାରେ ପ୍ରସ୍ତୁତ ପନିର, ଖୁଆ ଓ ମିଷ୍ଟାନ ସାମଗ୍ରୀକୁ ଖାଇ ଅନେକ ଲୋକ ରୋଗରେ ପୀଡିତ ହେଉଥିବା ଦେଖାଗଲାଣି। ଯାଜପୁର ସହରରେ ପ୍ରତ୍ୟେକ ଦିନ ଏହି ଅପମିଶ୍ରିତ ଛେନା ୭/୮ କୁଇଣ୍ଟାଲ କାରବାର ହେଉଥିବାବେଳେ ଗାଈ ଓ ମଇଁଷି ଛେନା ଦେଖିବାକୁ ମିଳୁନାହିଁ। ଏହି ଅପମିଶ୍ରିତ ଛେନା ସହର ଉପକଣ୍ଠ ସଇପୁର, ଜଳହରା, ସିମିଳିଆ ଅଞ୍ଚଳରୁ ଆସୁଛି। ସେହିପରି ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ବ୍ଲକ୍‌ର ମଣିନାଥପୁର, ଷୋଳମପୁର, ଜଳହରି, ନପଙ୍ଗ, ସୋଲାପାରି ଆଦି ଅଞ୍ଚଳର ଶତାଧିକ ଅପମିଶ୍ରିତ ମିଷ୍ଟାନ ପ୍ରସ୍ତୁତକାରୀ ଦୋକାନୀ ଯାଜପୁର ସହରର ବିଭିନ୍ନ ମିଷ୍ଟାନ ଦୋକାନରେ ଯୋଗାଣ କରୁଛନ୍ତି। ଯାଜପୁର ପୌରାଞ୍ଚଳରେ ଅପମିଶ୍ରିତ ଛେନା କାରବାର ହେଉଥିଲେ ମଧ ପୌରପରିଷଦ ପକ୍ଷରୁ ଏହାକୁ ଯାଞ୍ଚ କରାଯାଉନାହିଁ ବୋଲି ମଧ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ତଥା ଖାଦ୍ୟ ଯାଞ୍ଚ ଅଧିକାରୀ ପ୍ରଭାକର ପାତ୍ର କହିଛନ୍ତି, ଏ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆମପାଖରେ ପହଞ୍ଚି ନାହିଁ। ଅଭିଯୋଗ ହେଲେ ତଦନ୍ତ କରାଯିବ।

# ବିଜେଡିର ଧନ୍ୟବାଦ ସଭା

**ବରୀ,୧୩।୨(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତ ଉପନିର୍ବାଚନରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ମମତା ଦାସ ବିଜୟୀ ହେବାପରେ ଶନିବାର ଦଳ ପକ୍ଷରୁ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଛି। ସ୍ଥାନୀୟ କମ୍ପଗଡ଼ଠାରେ ଅନୁଷ୍ଠିତ ସଭାରେ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ବିଧାୟିକା ସୁନନ୍ଦା ଦାସଙ୍କ ଉଦ୍ୟମ ଯୋଗୁ ଏଠାରେ ଦଳର ଲୋକପ୍ରିୟତା ବଢ଼ିଛି। ଯେଉଁଥି ପାଇଁ ଭାଜପା ଗଡ଼ ଭାବେ ପରିଚିତ ଅମଠପୁରରେ ବିଜେଡି ସମର୍ଥିତ ପ୍ରାର୍ଥିନୀଙ୍କ ବିଜୟ ହୋଇଛି। ସଭାରେ ବିଧାୟିକା ଦାସ ଯୋଗଦେଇ ନବୀନ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଆସ୍ଥା ଓ ଅମଠପୁରବାସୀଙ୍କ ଦଳ ପାଇଁ ଥିବା ଭଲପାଇବା ଯୋଗୁ ଏବିଜୟ ସମ୍ଭବ ହୋଇଛି ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ନବନିର୍ବାଚିତ ସରପଞ୍ଚ ମମତା ଦାସ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ଅମଠପୁର ପଞ୍ଚାୟତ ବିଜେଡି ସଭାପତି ବ୍ରଜକିଶୋର ଭଞ୍ଜ, ଅରବିନ୍ଦ ମହାନ୍ତି, ସରପଞ୍ଚ ରମାକାନ୍ତ ମଲ୍ଲିକ, ଗିରିଶ ସାମଲ, ଅନୀଲ ସାହାଣୀ, ସନ୍ତୋଷ ସାମଲ, ସମୀର ମଲ୍ଲିକ, ବିରଜା ପ୍ରସାଦ ପରିଡା, ଗଣେଶ ମହାକୁଡ ଓ ସୁବୋଧ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗତ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଭାଜପା ଦବଦବା ବଜାୟ ରଖିଥିଲା। ଏବେ ସାଙ୍ଗଠନିକ ଦକ୍ଷତା ଅଭାବରୁ ଦଳ ଉପନିର୍ବାଚନରେ ପରାଜୟ ବରଣ କରିଛି ବୋଲି ରାଜନୀତିଜ୍ଞ ମତବ୍ୟକ୍ତ କରିଛନ୍ତି।



ସଭାରେ ବିଧାୟିକା, ସରପଞ୍ଚଙ୍କ ସମେତ ଅନ୍ୟ କର୍ମୀ।

# ଥାନା ଆଗରେ ମହିଳାଙ୍କ ଧାରଣା

**କୁଜଙ୍ଗ,୧୩।୨(ଡି.ଏନ୍‌ଏ.)**



ମହିଳାମାନେ କୁଜଙ୍ଗ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

**କଙ୍ଗାରୁ କୋର୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

କକୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ମଧୁର ପାନୀୟ ଜଳ ପ୍ରକଳ୍ପକୁ କଙ୍ଗାରୁ କୋର୍ଟ ଦ୍ୱାରା ବିରୋଧ କରାଯାଉଛି। ଏହାର ପ୍ରତିବାଦରେ ସ୍ଥାନୀୟ ନଈମୁହଁ ପଡାର ମହିଳା ଶନିବାର ଏକତ୍ର ହୋଇ କୁଜଙ୍ଗ ଥାନା ଆଗରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗରାଜପୁର ଗ୍ରାମର ଜଳସ୍ତର ଲବଣାକ୍ତ ଓ କ୍ଷାର ଯୁକ୍ତ ହୋଇଥିବାରୁ ସରକାରୀ ଓ ବେସରକାରୀସ୍ତରରେ ଯେତେଥର ଗଭୀର ନଳକୂପ ଖୋଲାଯାଇଛି ତାହା ପାନୀୟ ଉପଯୋଗୀ ହୋଇପାରିନାହିଁ । ବିଶେଷ କରି ନଈମୁହଁପଡାରେ ବସବାସ କରୁଥିବା ଲୋକେ ଦୀର୍ଘ ବର୍ଷ ହେବ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଙ୍ଗରାଜପୁରକୁ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ (ପିପିଏଲ) ପୋଷ୍ୟ ଗ୍ରାମ୍ୟ ରୂପେ ଗ୍ରହଣ କରିବା ପରେ ସ୍ଥାନୀୟ ସରପଞ୍ଚ ଗ୍ରାମରେ ଏକ ଆରୋ ପ୍ଲାଣ୍ଟ ବସାଇବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ଗ୍ରହଣ କରି ପିପିଏଲ ତା'ର ସିଏସଆର ଫଣ୍ଡରୁ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଆରୋପ୍ଲାଣ୍ଟ ନିର୍ମାଣ ଆରମ୍ଭ କରିଥିଲା । ମାତ୍ର ରାଜନୈତିକ ଆକ୍ରୋଶ ରଖି ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟକୁ ବିରୋଧ କରାଯାଇଛି। ଏପରିକି ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତରେ ଗ୍ରାମ୍ୟ କମିଟି ପକ୍ଷରୁ ମକଦ୍ଦମା ରୁଜୁ କରାଯାଇଥିଲା। ଏହାପରେ ଡିଭିଜନ ଅଦାଲତ ନିର୍ମାଣ କାର୍ଯ୍ୟ ଉପରେ ସ୍ଥିତାବସ୍ଥା ଜାରି କରି ପିପିଏଲ୍ କର୍ତ୍ତୃପକ୍ଷ ଓ ଅଭିଯୋଗକାରୀଙ୍କୁ ହାଜର ହୋଇ ମତାମତ ଦେବାକୁ ନୋଟିସ ପଠାଇଛନ୍ତି। ମାତ୍ର ପିପିଏଲ କର୍ତ୍ତୃପକ୍ଷ କୌଣସି ମକଦ୍ଦମାରେ ନ ପଶି ଆରୋପ୍ଲାଣ୍ଟ ବସାଇବା କାର୍ଯ୍ୟରୁ ନିବୃତ୍ତ ହୋଇଯାଇଛି। ଏହାପରେ ନଈମୁହଁପଡ଼ାବାସୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଗ୍ରାମ୍ୟ କଙ୍ଗାରୁ କୋର୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ପାରାଓ ଟୁଡୁ ଦାବିପତ୍ର ଗ୍ରହଣ କରିବା ସହ ଘଟଣା ସ୍ଥଳ ପରିଦର୍ଶନ କରିବେ ବୋଲି କହିଛନ୍ତି। ଶନିବାର ଓ ରବିବାର ସରକାରୀ ଛୁଟି ଦିବସ ଥିବାରୁ ସୋମବାର ଏନେଇ ତହସିଲଦାର ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଟୁଡୁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆନ୍ଦୋଳନରୁ ହଟିଥିଲେ। ଏହି ଧାରଣାରେ ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀଙ୍କ ସମେତ ପୂର୍ବତନ ସରପଞ୍ଚ ମିନିଲତା ବେହେରା, ସୁମିତ୍ରା ବେହେରା, ସରସ୍ୱତୀ ବେହେରା, ଝରଣା ସ୍ୱାଇଁ, ଧରିତ୍ରୀ ତରାଇ, ପ୍ରମିଳା ମାଝି ପ୍ରମୁଖ ସାମିଲ ହୋଇଥିଲେ।

